# ଅକ୍ଷୟ ତୃତୀୟା ରଚନା

ଓଡିଶାରେ ପାଳିତ ହେଉଥିବା ପର୍ବ ମାନଙ୍କ ଭିତରେ ଅକ୍ଷୟ ତୃତୀୟା ହେଉଛି ଏକ ପ୍ରଧାନ କୃଷିଭିତ୍ତିକ ପର୍ବ. ବୈଶାଖମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଏହି ପର୍ବଟି ପଡେ. ଅକ୍ଷୟ ତୃତୀୟା ପର୍ବକୁ ଓଡିଶାର ଲୋକେ ଖୁବ ଆଡମ୍ବର ସହକାରେ ପାଳନ କରିଥାନ୍ତି.

ଏହି ପର୍ବଟିର ନାମକରଣ ପଛରେ ରହିଛି ଅନେକ କିମ୍ବଦନ୍ତୀ. ଯେଉଁଥିପାଇଁ ଏହି ପର୍ବର ନାମ ଅକ୍ଷୟ ତୃତୀୟା ଅଟେ. ତନ୍ମଧ୍ୟରେ ଅକ୍ଷୟାସୁର କିମ୍ବଦନ୍ତୀଟି ବେଶ ପ୍ରସିଦ୍ଧ. ସତ୍ୟଯୁଗରେ ଅକ୍ଷୟାସୁର ନାମକ ରାକ୍ଷସର ପ୍ରତାପ ଓ ଅତ୍ୟାଚାର ଯୋଗୁଁ ଭୂମଣ୍ଡଳବାସୀ ଭୟଭୀତ ହୋଇଗଲେ. କେବଳ ଭୂମଣ୍ଡଳ ନୁହେଁ ବରଂ ସ୍ୱର୍ଗ, ନର୍କ ଓ ପାତାଳପୁରରେ ମଧ ତାର ଅତ୍ୟାଚାର ପାଦୁର୍ଭାବ ଯୋଗୁଁ ସଭିଏଁ ମିଶି ପରମେଶ୍ୱର ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା କଲେ. ପରମେଶ୍ୱର ବିଷ୍ଣୁ ବୈଶାଖ ଶୁକ୍ଳ ତୃତୀୟା ଦିନ ଅକ୍ଷୟାସୁରର ପ୍ରାଣ ହରଣ କରି ବିଶ୍ୱରେ ଶାନ୍ତି ସ୍ଥାପନ କଲେ. ଅକ୍ଷୟାସୁର ନାମକ ରାକ୍ଷସର ବଦ୍ଧ ହୋଇଥିବାରୁ ଏହି ଦିନଟି ଅକ୍ଷୟ ତୃତୀୟା ନାମରେ ବିଶ୍ୱ ବିଦିତ ହେଲା. ଏଥି ସହ ଅକ୍ଷୟ ତୃତୀୟା ଦିବସକୁ ଆଦି ସତ୍ୟଯୁଗର ପ୍ରଥମ ଦିବସ ଭାବେ ଗ୍ରହଣ କରାଗଲା. ଲୋକ ବିଶ୍ୱାସ ରହିଛି ଯେ ଯଦି ଅକ୍ଷୟ ତୃତୀୟା ଦିନ କେହି ଅନ୍ନ କିମ୍ବା ଜଳ ଦାନ କରନ୍ତି ତେବେ ସେ ବ୍ୟକ୍ତିକୁ ଅକ୍ଷୟ ଐଶ୍ୱର୍ଯ୍ୟର ପ୍ରାପ୍ତି ହୋଇଥାଏ.

ଏହି ଦିନ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ. କୃଷକ ମାନେ ନିଜ ନିଜ ଜମିରେ ବିଧି ପୂର୍ବକ ଅକ୍ଷି ମୁଠି ଅନୁକୂଳ କରନ୍ତି. ଅକ୍ଷୟ ତୃତୀୟା ଦିନ ଠାରୁ ମହାପ୍ରଭୁ ଜଗନ୍ନାଥ ଓ ଲିଙ୍ଗରାଜ ମହାଦେବଙ୍କ ଚନ୍ଦନ ଯାତ୍ରା ଉତ୍ସବ ପ୍ରାରମ୍ଭ ହୋଇଥାଏ. ତେଣୁ ଏହି ଦିନ ସନାତନୀ, ବୈଷ୍ଣବ, ଶାକ୍ତ, ଶୈବ ସଭିଙ୍କ ପାଇଁ ଅତ୍ୟନ୍ତ ପବିତ୍ର ଦିବସ ଅଟେ.

ଅକ୍ଷୟ ତୃତୀୟା ପୂର୍ବ ଦିନ କୃଷକ ମାନେ ଜମିରେ ପାଣି ପକାଇ ରଖନ୍ତି. ନୂତନ ଲଙ୍ଗଳ, ନୂତନ କାଙ୍କ, କୋଡ଼ି, କୋଦାଳ, ଭାର, ଶିକା, ଧାନ ଗଉଣି ଓ ଶୁକ୍ଳ ଧାନ ଆଦି ପ୍ରସ୍ତୁତ କରନ୍ତି. ଏହି ଦିନ ପାହାନ୍ତାରୁ ଉଠି ବିଧି ପୂର୍ବକ ନୂତନ ବସ୍ତ୍ର ପରିଧାନ କରି ଘର ଅଗଣାକୁ ଗୋମୟ ଦ୍ୱାରା ଲିପାଯାଏ. ଉକ୍ତ ଗୋମୟ ଲିପା ସ୍ଥାନରେ କଳସ ସ୍ଥାପନ କରି ଦୀପ ପ୍ରଜ୍ୱଳିତ କରାଯାଏ. ନୂଆ ଭାରରେ ଧାନ ଗଉଣି, ପୂଜା ସାମଗ୍ରୀ ଓ ଜଳ ଧରି ବାହାରି ପଡନ୍ତି. ଶଙ୍ଖ, ଘଣ୍ଟା ବଜାଇ ହୁଳହୁଳି ଦେଇ ଗୃହିଣୀ ମାନେ ଶୁଭ କାମନା କରି ସ୍ୱାମୀ ମାନଙ୍କୁ କ୍ଷେତକୁ ପଠାନ୍ତି. ଜମିରେ କୃଷକ ବିଧି ପୂର୍ବକ ଭୂମିପୂଜା ଓ ଲକ୍ଷ୍ମୀପୂଜା କରି ଆଧିକ୍ଷ ଫସଲ ଅମଳର ଅଶନେଇ ଅକ୍ଷି ମୁଠି ଦ୍ୱାରା ଧାନ ଅନୁକୂଳ କରନ୍ତି. ଅରୁଆ ଚାଉଳର ଖେଚୁଡ଼ି ଓ ପିଠାପଣା କରି ଗୃହିଣୀ ମାନେ ନୂତନ ପଳାଶ ପତ୍ରରେ ପରିବାରର ସଭିଙ୍କୁ ଖାଇବାକୁ ଦିଅନ୍ତି.

ଅକ୍ଷୟ ତୃତୀୟା ଦିନଟି ପଶ୍ଚିମ ଓଡିଶାରେ ଜ୍ୱାଇଁ ପୂଜନ ଦିବସ ଭାବେ ପ୍ରଖ୍ୟାତ. ଏହି ଦିନ ଜ୍ୱାଇଁ ମାନଙ୍କୁ ଘରକୁ ନିମନ୍ତ୍ରଣ କରି ନୂଆ ବସ୍ତ୍ର ଦେଇ ଫଳମୂଳ ଖୁଆଇ ଆପ୍ୟାୟିତ କରାଯାଏ. ଲୋକମାନେ ପରସ୍ପରକୁ କାକୁଡି, ତରଭୁଜ, ଆମ୍ବ, ଖଜୁରୀ, ଲିଚୁ, କେନ୍ଦୁ ଆଦି ଫଳ ଖୁଆଇ ଆନନ୍ଦ ଉପଭୋଗ କରନ୍ତି. ଅକ୍ଷୟ ତୃତୀୟା ଓଡ଼ିଆ ସଂସ୍କୃତିର ଶୁଚିମନ୍ତ ପ୍ରତୀକ. ଧାର୍ମିକ ତଥା କୃଷିଭିତ୍ତିକ ପର୍ବ ଭାବରେ ଶ୍ରେଷ୍ଠତ୍ୱ ଲାଭ କରି ଆମ ମାନଙ୍କୁ ଏକ ଉତ୍ସାହ ପୂର୍ଣ୍ଣ ଜୀବନ ବଂଚିବାର ପ୍ରେରଣା ଦେଇଥାଏ.

**www.orissatimes.net**